# ସର୍ତ୍ତାବଳୀ

ଧନୁଯାତ୍ରାରେ ଆମୋଦ ପ୍ରମୋଦ / ଖାଦ୍ୟ ସାମଗ୍ରୀ/ଅନ୍ୟାନ୍ୟ ସାମଗ୍ରୀ ବିକ୍ରୟ ନିମନ୍ତେ ଷ୍ଟଲ୍ ଏବଂ ପାର୍କିଂ ନିମନ୍ତେ ସ୍ଥାନ ପାଇଁ ଆବେଦନ କରିବାର ସର୍ତ୍ତାବଳୀ:-

୧- ଆବେଦନକାରୀ ଟ୨୦୦୦/- ଜମା କରିବେ ଯାହା ଫେରସ୍ତ ହେବ ନାହିଁ । ଉକ୍ତ ରସିଦକୁ ଆବେଦନ ଫର୍ମ ସହିତ ସଂଶ୍ଲିଷ୍ଟ କରିବେ ଏବଂ ପ୍ରତ୍ୟେକ ଜୋନ୍ ପାଇଁ ଅଲଗା ଟେଣ୍ଡର କରାଯିବ ।

୨- ଧନୁଯାତ୍ରା ପଡ଼ିଆର ବିଭିନ୍ନ ଷ୍ଟଲ୍ ଯଥା ଦୋଳି/ଝୁଲା, ମୀନାବଜାର/ ଛୋଟ ଦୋକାନ, ଟ୍ରେଡ଼ ଫେୟାର,ଫୁଡ୍ ଫେଷ୍ଟ, ଖାଦ୍ୟ ସାମଗ୍ରୀ ଠେଲା ଓ ଫୁଟ୍‌ପାଥ୍ ଦୋକାନ ନିମନ୍ତେ ଉଦ୍ଦିଷ୍ଟ ସମୁଦାୟ ଏରିଆ ତଥା ନିର୍ଦ୍ଦିଷ୍ଟ ସାଇଜ୍‌ର ଦୋକାନ ସଂଖ୍ୟା ନିମ୍ନ ପ୍ରଦତ୍ତ ଟେବୁଲ୍‌ରେ ଉଲ୍ଲେଖ କରାଯାଇଅଛି । ଏହାର ଲେ-ଆଉଟ୍ ପ୍ଲାନ୍ ଟେଣ୍ଡର କାଗଜାତ୍ ସହ ଯୋଗାଇ ଦିଆଯାଉଅଛି । (ସ୍ଥଳବିଶେଷରେ ପଡ଼ିଆରେ ବ୍ଲକ ଆବଣ୍ଟନ ସମୟରେ ସମୁଦାୟ ଦୋକାନ ସଂଖ୍ୟା ତଥା ସମଗ୍ର ଏରିଆରେ ୫ ପ୍ରତିଶତ ପର୍ଯ୍ୟନ୍ତ କମିଯାଇପାରେ) । ପ୍ରତିଟି ପ୍ରକାରର ଦୋକାନ ନିମନ୍ତେ ଉଦ୍ଦିଷ୍ଟ ସ୍ଥାନ ନିମନ୍ତେ ସର୍ବନିମ୍ନ ମୂଲ୍ୟ (ଅପ୍-ସେଟ୍ ପ୍ରାଇସ୍) ନିମ୍ନ ସାରଣୀରେ ଉଲ୍ଲେଖ ରହିଛି ।

- ଲେ-ଆଉଟ୍ ପ୍ଲାନରେ ଦର୍ଶାଯାଇଥିବା ନକ୍ସା ଅନୁଯାୟୀ ମୀନାବଜାର, ଛୋଟ ଦୋକାନ, ଖାଦ୍ୟ ଦୋକାନ (ଫୁଡ୍ ଫେଷ୍ଟ) ଓ ଟ୍ରେଡ଼ ଫେୟାର୍‌ର ଷ୍ଟଲ୍ ଗୁଡ଼ିକୁ ନିଲାମ ଗ୍ରହୀତାଙ୍କ ତରଫରୁ ପ୍ରଥମେ ନିର୍ମାଣ କରାଯିବ । ନିର୍ମାଣ ସରିଲାପରେ ତାହା ଦୋକାନୀ/ ଇଚ୍ଛୁକ ବ୍ୟବସାୟୀ ମାନଙ୍କୁ ନିଲାମ ଗ୍ରହୀତାଙ୍କ ତରଫରୁ ହସ୍ତାନ୍ତର (ଆଲଟ୍‌ମେଣ୍ଟ) କରାଯିବ । ନିର୍ଦ୍ଦିଷ୍ଟ ବ୍ଲକ୍‌ମାନଙ୍କରେ ଉଦ୍ଦିଷ୍ଟ ଦୋକାନମାନଙ୍କର ସାମଗ୍ରିକ ଭାବରେ ସମାନ ଡିଜାଇନ୍ ଦ୍ୱାରା ପୂର୍ବ ପ୍ରସ୍ତୁତ ଦୋକାନ ନିର୍ମାଣ ନ ହେଲେ ଯାତ୍ରା ପଡ଼ିଆର ସୌନ୍ଦର୍ଯ୍ୟ ହାନି ହେଉଥିବାରୁ ଏହି ବର୍ଷ ପ୍ରଥମେ ଦୋକାନ ନିର୍ମାଣ କରାଯିବା ବାଧ୍ୟତା ମୂଳକ କରାଯାଇଅଛି ।
- ଗୋଟିଏ ଧାଡ଼ିରେ ଅବସ୍ଥିତ ଦୋକାନ ଗୁଡ଼ିକରେ ନାମ ଫଳକ ଉପରେ ସମ୍ବଲପୁରୀ ଶାଢୀ ଡିଜାଇନ୍‌ର ଫେସିଆ (ଯାହାର ପ୍ରସ୍ଥ ଅଢେଇ ଫୁଟ ହୋଇଥିବ) ନିଲାମଧାରୀଙ୍କ ତରଫରୁ ଦୋକାନ ନିର୍ମାଣ ସମୟରେ ଲଗାଯିବ । ଫେସିଆ ତଳକୁ ଦୋକାନୀ ନିଜର ନାମ ଫଳକ ଲଗାଇପାରିବେ । ଉକ୍ତ ସମ୍ବଲପୁରୀ ଶାଢୀ ଡିଜାଇନ୍‌ର ଫେସିଆ କନା କିମ୍ବା ଫ୍ଲେକ୍ସ ଉପରେ ପ୍ରିଣ୍ଟ ହେବା ଆବଶ୍ୟକ । ସୌନ୍ଦର୍ଯ୍ୟ ଦୃଷ୍ଟିରୁ ବିଭିନ୍ନ ଧାଡ଼ିରେ ଅଲଗା ପ୍ରକାରର ଫେସିଆ ଲଗାଇବାପାଇଁ ପ୍ରଯତ୍ନ କରାଯିବ ।
- ଗୋଟିଏ ଧାଡ଼ିରେ ଦୋକାନ ଗୁଡ଼ିକର ସମାନ ରଙ୍ଗର କପଡ଼ା କିମ୍ବା ଫ୍ଲେକ୍ସ ବ୍ୟବହାର କରାଯିବ ।
- ଆଲଟ୍‌ମେଣ୍ଟ ପରେ ଦୋକାନୀ ନିଜର ଆବଶ୍ୟକ ଅନୁଯାୟୀ ଭିତରର ସୌନ୍ଦର୍ଯ୍ୟ କରଣ (Internal Decoration)କରିପାରିବେ ।
- ଲେ-ଆଉଟ୍ ପ୍ଲାନରେ ଦର୍ଶାଯାଇଥିବା ନକ୍ସା ଅନୁଯାୟୀ ସମସ୍ତ ଦୋକାନର ନମ୍ବର କୁ ଉକ୍ତ ଦୋକାନ ଉପରେ ଲଗାଯିବ ।
- ଜଣେ ଦୋକାନୀ ଚାହିଁଲେ ଏକାଧିକ ଦୋକାନ ଏକକାଳୀନ ନେଇପାରିବେ ମାତ୍ର ସମସ୍ତ ଦୋକାନର ନମ୍ବର ପୂର୍ବଭଳି ପରିବର୍ତ୍ତନ କରା ନଯାଇ ଦୋକାନ ଉପରେ ଲଗାଯିବ । (ଉଦାହରଣ ସ୍ୱରୂପ ଜଣେ ଦୋକାନୀ ଯଦି ଉଭୟ ୬୧ ଓ ୬୨ ନମ୍ବର ଦୋକାନ ନେଲେ ତେବେ ତାଙ୍କର ଏକତ୍ରୀକୃତ ଦୋକନ ଉପରେ ଉଭୟ ୬୧ ଓ ୬୨ ନମ୍ବର ଲେଖାଯିବ )
- ଦୋକାନ ଆଲଟ୍ ମେଣ୍ଟ ହେଲାପରେ ନିଲାମ ଧାରୀଙ୍କ ତରଫରୁ ଦୋକାନ ନେଇଥିବା ବ୍ୟକ୍ତିଙ୍କର ନାମ, ଭୋଟର ପରିଚୟ ପତ୍ର, ଆଧାର କାର୍ଡର ନମ୍ବର ଓ ମୋବାଇଲ ନମ୍ବର ଓ ସେ କି ପ୍ରକାର ଦୋକାନ କରିବେ ତାହା ଉଲ୍ଲେଖ କରି ଜମି ଆବଣ୍ଟନ କମିଟି (Land Allotment Committee)କୁ ଜଣାଇବେ ।
- ନିଲାମ ଗ୍ରହୀତା କେବଳ ଦୋକାନୀ/ ବ୍ୟବସାୟୀଙ୍କୁ ଦୋକାନ ଆବଣ୍ଟନ କରିପାରିବେ । ଥରେ ଦୋକାନ ଆବଣ୍ଟନ ହେବାପରେ ଦୋକାନୀ ଏହାକୁ ଅନ୍ୟକାହାକୁ ସବ୍-ଲେଟ୍ କରିପାରିବେ ନାହିଁ ।